# Akashvani, Sambalpur

## SAMBALPURI NEWS EVENING BULLETIN

## 27 June 2024- 7.02 pm- 7.12 pm.

*********************************************

୧- ଭାରତ୍‌କେ ବିକଶିତ୍ କର୍‌ବାର୍ କାମ୍ ଲଗାତାର୍ ଜାରି ରହେବାର୍ ଉଚିତ୍- ସଂସଦ୍‌ର ମିଳିତ ଅଧିବେଶନ୍‌କେ ସମ୍ବୋଧିତ୍ କରିକରି କହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ନୂଆଦିଲ୍ଲୀ ନ ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀଙ୍କୁ ଭେଟ୍‌ଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ରାଜ୍ୟର୍ ଅଣାସୀଟା ମାଧମିକ ବିଦ୍ୟାଳୟ ଯୁକ୍ତ ଦୁଇ ଉଚ୍ଚମାଧମିକ ବିଦ୍ୟାଳୟକେ ଉନ୍ନୀତ ।

ଆଉର୍

୪- ଘୂର୍ଣ୍ଣିବଳୟ ପ୍ରଭାବ୍‌ଥି ଆଏବା ୫ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ବର୍ଷାର୍ ସମ୍ଭାବନା ।

- ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍ ୪ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ।

ସଂସଦ୍ ମିଳିତ ଅଧିବେଶନ୍          ଆର୍ଏନ୍ୟୁ/ କଟକ୍

ଭାରତ୍‌କେ ବିକଶିତ୍ କର୍‌ବାର୍ କାମ୍ ଲଗାତାର୍ ଜାରି ରହେବାର୍ ଉଚିତ୍ । ଦେଶ୍ ଇତାର୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ କାମ୍ କର୍‌ବାର୍ ଆବଶ୍ୟକତା ରହିଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଆଏଜ୍ ସଂସଦ୍‌ର ମିଳିତ୍ ଅଧିବେଶନ୍‌କେ ସମ୍ବୋଧିତ୍ କରିକରି ରାଷ୍ଟ୍ରପତି କହିଛନ୍ ଯେ, ୬ ଦଶନ୍ଧି ଉତ୍‌ରୁ ଦେଶେ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ସମ୍ପନ୍ନ ସ୍ଥିର ସର୍‌କାର୍ ଗଠିତ୍ ହେଇଛେ । ସଂସଦ୍‌ର ଆଗାମୀ ଅଧିବେଶନ୍‌ଥି ନୂଆଁ ସର୍‌କାର୍ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କର୍‌ବେ । ସେ ବଜେଟ୍ ଦୀର୍ଘକାଳୀନ ନୀତି ଆଉ ଭବିଷ୍ୟତ୍‌ର ଲକ୍ଷ୍ୟ ପୂରଣ୍ ଦିଗେ ବହୁତ୍‌ଟେ ପ୍ରଭାବୀ ହେବା ଆଉ ବିକାଶ୍‌ର ଗତି ବଢ଼୍‌ବା ବଲି ରାଷ୍ଟ୍ରପତି କହିଛନ୍ ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦେଶର୍ ଅର୍ଥବ୍ୟବସ୍ଥା ବାବ୍‌ଦେ କହିଛନ୍ ଯେ, ଗଲା ୧୦ ବଛର୍‌ଥି ଭାରତ୍ ୧୧ ନମ୍ବର୍ ଜାଗାନୁ ୫ ନମ୍ବର୍ ଜାଗାଥି ପୁହୁଁଚିବାର୍ ସହେତେ ବୃହତ୍ ଅର୍ଥବ୍ୟବସ୍ଥାଥି ପରିଣତ୍ ହେଇଛେ । ପୁର୍‌ଥିର୍ ଭିନ୍ ଭିନ୍ ଜାଗା ନ ମହାମାରି ହିଂସା ଆଉ ସଂଘର୍ଷ ଭିତ୍‌ରେ ଇ ସ୍ଥାନ୍ ହାସଲ୍ କର୍‌ବାର୍‌ଥି ଦେଶ୍ ସଫଳତା ପାଇଛେ । ସେ କହିଛନ୍ ଯେ, ଏଛନିର୍ ସର୍‌କାର୍

ଭାରତ୍‌କେ ପୁର୍‌ଥିର୍ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥାଥି ପରିଣତ୍ କର୍‌ବାର୍ ଲାଗି ପ୍ରୟାସ୍ ଜାରି ରଖିଛନ୍ ।

ରାଷ୍ଟ୍ରପତି କହିଛନ୍ ଯେ, ନିବେଶକଙ୍କୁ ଅଏତ୍‌କା ଆକୃଷ୍ଟ କର୍‌ବାର୍ ଲାଗି ଏଛେନ୍ ଦେଶେ ରିଫର୍ମ, ପରଫର୍ମ ଆର୍ ଟ୍ରାନ୍ସଫର୍ମ ଉପ୍‌ରେ କାମ୍ ଚାଲିଛେ । ସର୍‌କାର୍ ଲୁକ୍‌କର୍ ପାଖ୍‌କେ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ପୁହୁଁଚଉଛନ୍ । ଗାଁମାନ୍‌କେ ଯୁଡ୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଗ୍ରାମୀଣ ସଡ଼କ୍ ଯୋଜନାଥି ୩ ଲାଖ୍ ୮ହଜାର୍ କିଲୋମିଟର୍ ଲମ୍ବା ସଡ଼କ୍ ତିଆର୍ କରାଯାଇଛେ । ଆଏଜ୍ ପ୍ରଯୁକ୍ତିବିଦ୍ୟାନୁ ନେଇକରି ପର୍ଯ୍ୟଟନ ଆଉ ସ୍ୱାସ୍ଥ୍ୟ କ୍ଷେତ୍ର ନ ଭାରତ୍ ଅଗ୍ରଣୀ ହେଇପାରିଛେ । ସେ କହିଛନ୍ ଯେ, ଇ ଶତାବ୍ଦୀ ଭାରତ୍‌ର ଶତାବ୍ଦୀ ଆଏ । ରାଷ୍ଟ୍ରପତି ବିକଶିତ୍ ଭାରତ୍‌ର ସ୍ୱପ୍ନ ପୂରଣ୍ କର୍‌ବାର୍‌କେ ହେଲେ ପୂର୍ଣ୍ଣ ନିଷ୍ଠାର୍ ସହେତେ କାମ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ସୋମ୍‌ବାର୍ ଦିନ ୧୮ ନମ୍ବର୍ ଲୋକସଭାର ପହେଲା ଅଧିବେଶନ୍ ମୁଲ୍ ହେଇଥିବାର୍ ବେଲେ ଆଏଜ୍‌ଠାନୁ ରାଜ୍ୟସଭା ଅଧିବେଶନ୍ ମୁଲ୍ ହେଇଛେ ।

ମୁଖ୍ୟମନ୍ତ୍ରୀ- ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ୍ ସାକ୍ଷାତ୍ କରିଛନ୍ । ତାଙ୍କର୍ ସାଙ୍ଗେ ଦୁହି ଉପମୁଖ୍ୟମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଭିଲ୍ ରାଷ୍ଟ୍ରପତିଙ୍କୁ ଭେଟିଛନ୍ । ସେନ୍ତା ମୁଖ୍ୟମନ୍ତ୍ରୀ ଆର୍ ଦୁହି ଉପମୁଖ୍ୟମନ୍ତ୍ରୀ- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭିଲ୍ ଆଏଜ୍ ଭେଟିଛନ୍ । ଇତାର୍‌ଉତ୍‌ରୁ ମୁଖ୍ୟମନ୍ତ୍ରୀ- କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କୁ ଭିଲ୍ ଭେଟିଛନ୍ । ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ଗଲାକାଏଲ୍‌ନୁ ୩ ଦିନିଆ ନୂଆଦିଲ୍ଲୀ ଗସ୍ତଥି ଯାଇଛନ୍ । ଗସ୍ତ ସମିଆଥି ଅଲ୍‌ଗା କେତେ ବିଭାଗ୍‌ର ମନ୍ତ୍ରୀ ମାନ୍‌କୁ ଭେଟିକରି ଓଡ଼ିଶା ବାବ୍‌ଦେ ଆଲୋଚନା କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଆଡ଼୍‌ଭାନୀ- ହସ୍‌ପିଟାଲ୍ ଆର୍‌ଏନ୍‌ୟୁ/ କଟକ୍

ବିଜେପିର୍ ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡ଼୍‌ଭାନୀଙ୍କୁ ଦିଲ୍ଲୀର୍ ଅଖିଲ୍ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍ ଏମ୍ସଥି ଭର୍ତି କରାଯାଇଥିଲା । ହେଲେ ତାଙ୍କର୍ ସ୍ୱାସ୍ଥ୍ୟ ଅବସ୍ଥା ଥିର୍ ହେବାର୍‌ନୁ ଆଏଜ୍ ଶ୍ରୀ ଆଡ଼୍‌ଭାନୀଙ୍କୁ ହସ୍‌ପିଟାଲ୍‌ନୁ ଛାଡ଼ି ଦିଆଯାଇଛେ । ତାଙ୍କୁ ବହୁତ୍‌ଟେ ବୟସ୍ ହେବାର୍ ଲାଗି ଦେଖା ଦେଇଥିବା ସ୍ୱାସ୍ଥ୍ୟ ସମସ୍ୟା ନେଇକରି ଶ୍ରୀ ଆଡ଼୍‌ଭାନୀଙ୍କୁ ଗଲାକାଏଲ୍ ଏମ୍ସଥି ଭର୍ତି କରାଯାଇଥିଲା ।

ଏମ୍ସର ଗୁଟେ ସ୍ୱତନ୍ତ୍ର ଡାକ୍ତରୀ ଦଲ୍ ୯୬ ବଛର୍ ହେଇଥିବା ଆଡ଼ଭାନୀଙ୍କର୍ ଚିକିତ୍ସା କରୁଥିଲେ ।

ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ　　　　ସୂଚନା ଲୋକସମ୍ପର୍କ ବିଭାଗ

ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍‌କେ ନିର୍ଦ୍ଦିଷ୍ଟ କେତେ ତାଲିମ୍ ନେଉଥିବା ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ସୀମିତ ନାଇଁ ରଖିକରି ଇଟାକେ ଶିକ୍ଷାନୁଷ୍ଠାନ୍, ମହାବିଦ୍ୟାଳୟ ଆଉ ମିଶନ୍ ଶକ୍ତି ପରିସରଭୁକ୍ତ କରାଯିବାର୍ ଉପ୍‌ରେ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଜୋର୍ ଦେଇଛନ୍ । ଆଏଜ୍ ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ସମୀକ୍ଷା କରିକରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ, ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ଆର୍ କମ୍ପାନୀମାନ୍‌କେ ଓଡ଼ିଆ ଛାତ୍ରଛାତ୍ରୀ ଯୋଗ୍ ଦେବାର୍ ଆଘୋନୁ ସେମାନ୍‌କୁ ଦକ୍ଷ କର୍‌ବାର୍ ଦର୍‌କାର୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ୩୦ ଟା ଜିଲ୍ଲାର୍ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ୩୦ ଟା ସ୍କିଲ୍ ହବ୍ ପରିଚାଲନା କରାଯିବା । ଇଥି ଉଚ୍ଚଶିକ୍ଷାନୁଷ୍ଠାନ୍‌ର ଛାତ୍ରଛାତ୍ରୀମାନ୍‌କୁ ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବାବ୍‌ଦେ ସଚେତନ୍ କରାଯିବାର୍ ସହେତେ ତାଲିମ୍ ଦିଆଯିବା । ଜୁଲାଇ ୧୫ ତାରିଖ୍ ଦିନ ବିଶ୍ୱ ଯୁବ ଦକ୍ଷତା ଦିବସ୍ ଅବ୍‌ସରେ କୌଶଲ୍ ରଥ ୨ ଟା ବସ୍‌ଥି ୩୦ ଟା ଜିଲ୍ଲା ବୁଲ୍‌ବା ।

ହାଇସ୍କୁଲ୍- ୧୧ କ୍ଲାସ୍ ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ ୭୯ ଟା ହାଇସ୍କୁଲ୍ ନ ଉଚ୍ଚମାଧ୍ୟମିକ - ଯୁକ୍ତ ଦୁଇ ଶ୍ରେଣୀ ଖୁଲିଛେ । ଚଲ୍ତି ଶିକ୍ଷା ବଛର୍ନୁ ଇ ବିଦ୍ୟାଳୟମାନ୍କେ କଳା ବିଷେଥି ଛାତ୍ରଛାତ୍ରୀମାନ୍କୁ ଶିକ୍ଷା ପ୍ରଦାନ୍ ମୁଲ୍ ହେବା । ରାଜ୍ୟ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ଇ ବାବ୍ଦର୍ ପ୍ରସ୍ତାବ୍କେ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ପ୍ରକଳ୍ପ ଅନୁମୋଦନ୍ ବୋର୍ଡ଼ ମଞ୍ଜୁର୍ କରିଛେ । କଳାହାଣ୍ଡି ଜିଲ୍ଲା ନ ସବୁଠାନୁ ଜହ ୧୭ ଟା ହାଇସ୍କୁଲ୍କେ ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟଥି ପରିଣତ୍ କରାଯାଇଛେ । ହେନ୍ତା ସୁନ୍ଦର୍ଗଡ଼୍ର ୧୦, ବଲାଙ୍ଗିର୍ର ୮, ଝାର୍ସୁଗୁଡ଼ାର୍ ୪, ସମ୍ବଲ୍ପୁର୍ର ୩, ବଉଦ୍ର ୨ ଆର୍ ନୂଆପଡ଼ା ଜିଲ୍ଲାର୍ ଗୁଟେ ହାଇସ୍କୁଲ୍ଥି ୧୧ କ୍ଲାସ୍ ଖୁଲାଯାଇଥିବାର୍ ଜନାପଡ଼ିଛେ ।

ଗ୍ରାମ୍ୟ ଉନ୍ନୟନ୍ - ମାସିକ୍ ସମୀକ୍ଷା ବୈଠକ୍

ସୂଚନା ଲୋକସମ୍ପର୍କ ବିଭାଗ୍

ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ର ମାସିକ୍ ସମୀକ୍ଷା ବୈଠକ୍ ବିଭାଗୀୟ ପ୍ରମୁଖ ଶାସନ୍ ସଚିବେ ଶ୍ରୀ ସଞ୍ଜୟ କୁମାର୍ ସିଂଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ର ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ର

ଓସ୍ୱାନ୍ ହଲ୍ ନ ହେଇଯାଇଛେ । ବୈଠକ୍‌ଥି ଶ୍ରୀ ସିଂ ରାଜ୍ୟର୍ ସବୁ ଗ୍ରାମ୍ୟ ଉନ୍ନୟନ୍ ଡିଭିଜନ୍‌ର କାମ୍‌ର ସମୀକ୍ଷା କରିଥିଲେ । ସବୁ ସର୍କଲ୍ ଆଉ ଡିଭିଜନ୍‌ର ବିଭାଗୀୟ ଅଧିକାରୀମାନେ ଆଭାସୀ ଜରିଏ ବୈଠକ୍‌ଥି ସାମିଲ୍ ହେଇକରି ତିଆର୍ ହେଉଥିବାର୍ ସବୁ ପ୍ରକଳ୍ପର୍ ଥିତି ଆଉ ଅଲ୍‌ଗା ଆନୁସଙ୍ଗିକ ଦିଗ୍ ମାନ୍‌କର୍ ବାବ୍‌ଦେ ପ୍ରମୁଖ ଶାସନ୍ ସଚିବଙ୍କୁ ସୂଚ୍‌ନା ଦେଇଥିଲେ । ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ଗ୍ରାମ ସଡ଼କ୍ ଯୋଜ୍‌ନା, ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନା, କୋଠାବାଡ଼ି, ଗ୍ରାମ୍ୟଉନ୍ନୟନ୍ ବିଭାଗ୍‌ର ସବୁ ଯୋଜ୍‌ନା ଶୁଣାଣି ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଜଣ୍ଡିସ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ସହରେ ଜଣ୍ଡିସ୍ ଆକ୍ରାନ୍ତଙ୍କର୍ ସଂଖ୍ୟା ଶହେ ୩ କେ ପୁହୁଁଚିଛେ । ଗଲାକାଏଲ୍ ଇଟା ଶହେ ଥିଲା । ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ଥିତି ଆଏତେ ରହିଛେ ବଲି କହେବାର୍ ସହେତେ ପ୍ରଶାସନିକ୍ ସ୍ତର୍ ନ କରାଯାଉଥିବା ଉଦ୍ୟମ୍ ବାବ୍‌ଦେ କହିଛନ୍ । ଆଶାକର୍ମୀ ଆଉ ଅଙ୍ଗନବାଡ଼ି କର୍ମୀମାନେ ପଡ଼ା ପଡ଼ା ବୁଲିକରି ଲୁକ୍‌କୁ ସଚେତନ୍ କରିଛନ୍ । ଭିମ୍‌ସାର୍‌ର ଡାକ୍ତରୀ ଦଲ୍ ଭିଲ୍ ଘର୍ ଘର୍ ବୁଲିକରି ଲୁକ୍‌କର୍ ସ୍ୱାସ୍ଥ୍ୟ ଅବସ୍ଥା ଯାଂଚ୍ କରିଛନ୍ ।

ବୌଦ୍ଧ- ଶ୍ରମ ବିଭାଗ୍ ସଚେତନତା ରଥ        ବୌଦ୍ଧ ସମ୍ବାଦଦାତା

ବଉଦ୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଶ୍ରମ ବିଭାଗ୍ ତର୍ଫୁ ଆଏଜ୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଲୟ ନ ଶିଶୁ ଶ୍ରମିକ ନିରାକରଣ୍ ନେଇକରି ଗୁଟେ ସଚେତନତା ରଥ ବାହାର୍ କରାଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଦିଲ୍ଲୀପ୍ କୁମାର୍ ମହାପାତ୍ର, ଇ ସଚେତନତା ଶୋଭାଯାତ୍ରା ଆଉ ସଚେତନତା ରଥକେ ଶୁଭାରମ୍ଭ କରିଛନ୍ । ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ, ଇଥି ଯୋଗ୍ ଦେଇକରି ଜିଲ୍ଲାନୁ ଶିଶୁ ଶ୍ରମିକ୍ ଉଚ୍ଛେଦ୍ କର୍ବାର୍ ଲାଗି ଆହ୍ୱାନ୍ ଦେଇଥିଲେ ।

ବାଘୁଣୀ ମୃତ୍ୟୁ        ଆର୍ଏନ୍ୟୁ/ କଟକ୍

ବାରଙ୍ଗର୍ ନନ୍ଦନ୍ କାନନ୍  ପ୍ରାଣୀ ଉଦ୍ୟାନ୍ ନ ଆଏଜ୍ ଅସୁସ୍ଥ ଥିବା ବାଘୁଣୀ ସାରା ର ମୃତ୍ୟୁ ହେଇଯାଇଛେ । ୧୮ ବର୍ଷିଆ ସାରା ବାର୍ଦ୍ଧକ୍ୟ ଜନିତ ରୋଗଥି ଆକ୍ରାନ୍ତ ହେଇକରି ଚିକିତ୍ସିତ୍ ହେଉଥିଲା । ଗଲା କିଛି ଦିନ୍ ହେବା ସେ ଠିକ୍ ଭାବେ ଖାଉନାଇଁଥିଲା । ପ୍ରାଣୀ ଉଦ୍ୟାନ୍ଥି ଚିକିତ୍ସକ୍ ଦଲ୍

ଅସୁସ୍ଥ ସାରାର ଚିକିତ୍ସା କରୁଥିଲେ । ୨୦୦୬ ମସିହାନୁ ମଧ୍ୟପ୍ରଦେଶ୍‌ର ବାନ୍ଧବଗଡ଼ ନୁ ସାରାକେ ନନ୍ଦନ୍‌କାନନ୍ ପ୍ରାଣୀ ଉଦ୍ୟାନ୍‌କେ ଅନାଯାଇଥିଲା । ସାରାର ମୃତ୍ୟୁ ଉତ୍‌ରୁ ନନ୍ଦନ୍ କାନନ୍‌ଥି ବାଘ ସଂଖ୍ୟା ୨୬ କେ କମିଛେ ।

ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର୍ ରଥଯାତ୍ରା ପ୍ରସ୍ତୁତି ବାବ୍‌ଦେ ବଡଦ୍ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ନ ସମୀକ୍ଷା ବୈଠକ୍ ହେଇଯାଇଛେ । ଇଥି ଆଘର୍ ପ୍ରସ୍ତୁତି ବୈଠକ୍‌ଥି ନିଆଯାଇଥିବା ନିଷ୍ପତି ଉପ୍‌ରେ ଆଏଜ୍‌ତକ୍ ହେଇଥିବା ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ୍ ଦିଲ୍ଲୀପ୍ କୁମାର୍ ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜନସ୍ୱାସ୍ଥ୍ୟ ବିଭାଗ୍, ବିଦ୍ୟୁତ୍ ବିଭାଗ୍, ଏନ୍‌ଏସି, ପୁଲିସ୍, ଅଗ୍ନିଶମ ଆଉ ପୂର୍ତ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଜିଲ୍ଲାସନ୍ତରଣ୍        ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ପୌର ସନ୍ତରଣାଗାର ଠାନେ ୬୪ ନମ୍ବର୍ ଝସ୍‌କେତନ୍ ସାହୁ ଆଉ ସଂଗ୍ରାମ୍ ସାହାଣୀ ସ୍ମାରକୀ ସନ୍ତରଣ

ପ୍ରତିଯୋଗିତା ହେଇଯାଇଛେ । ଇଥି ଜିଲ୍ଲାର୍ ଭିନ୍ ଭିନ୍ ବ୍ଲକ୍‌ନୁ ୩ ଶହ ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେଇଥିଲେ । ଇ ପ୍ରତିଯୋଗିତାର୍ କୃତି ପହଁରାଲୀମାନେ ଭୁବ୍‌ନେଶ୍ୱର୍‌ଠାନେ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାଥି ଅଂଶଗ୍ରହଣ୍ କର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ / କଟକ୍

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଘୂର୍ଣ୍ଣିବଲୟର୍ ବଲେ ଆଏବା ୫ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍‌ର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଗଞ୍ଜାମ୍, କନ୍ଧମାଲ୍, ପୁରୀ ଆର୍ ଖୋର୍ଦ୍ଧା ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ସେନ୍ତା ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୨୪ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।